# Akashvani, Sambalpur

## SAMBALPURI NEWS BULLETIN

### 28 April 2025- 6.47- 6.52 am.

***********************************************

ମନ୍ କି ବାତ୍ ଏନ୍ଏସ୍ଡି

ଆତଙ୍କବାଦୀ ଆଉ ସେମାନ୍କର୍ ମୁଖିଆମାନେ ଚାହୁଁଛନ୍ ଯେ କାଶ୍ମୀର୍ର ଫେର୍ଘାଏ ବିନାଶ୍ ହେଉ । ହେଥିର୍ଲାଗି ଏତେବଡ଼୍ ଷଡ଼ଯନ୍ତ୍ର ରଚିଥିଲେ । ହେଲେ ଆତଙ୍କବାଦ୍ ବିରୋଧୀ ଇ ଯୁଦ୍ଧଥି ଶହେ ୪୦ କୋଟି ଭାରତୀୟଙ୍କର୍ ଏକତା ଆମର୍ ସବୁନୁ ବଡ଼୍ ତାକତ୍ ଆଏ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ଥି କହିଛନ୍ । ଇ ଏକତା ଆତଙ୍କବାଦ୍ ବିରୋଧ୍ଥି ଚୂଡ଼ାନ୍ତ ଲଢ଼େଇର ଆଧାର୍ ହେବା ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ଶିଳ୍ପୀ,ବୁଣାକାର୍ ସମାବେଶ୍- ରାଜସ୍ୱ ମନ୍ତ୍ରୀ/ଆର୍ଏନ୍ୟୁ ସମ୍ବଲପୁର

ଝାର୍ସୁଗୁଡ଼ା ଠାନେ ପଶ୍ଚିମ ଓଡ଼ିଶା ଶିଳ୍ପୀ ଆଉ ବୁଣାକାର୍ ସମାବେଶ୍ ହେଇଯାଇଛେ । ସମାବେଶ୍ଥି ରାଜସ୍ୱ ଆଉ ବିପର୍ଯ୍ୟୟ

ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍ଦେଇକରି ଶିଳ୍ପୀ ଆଉ ବୁଣାକାର୍ମାନେ ଦେଶର୍ ଗୌରବ୍ ଆନ୍ ଆଉ ସେମାନ୍କର୍ ସବୁ ସମସ୍ୟାର୍ ସମାଧାନ୍ ଲାଗି ସର୍କାର୍ ଧ୍ୟାନ୍ ଦଉଛନ୍ ବଲି କହିଛନ୍ । ଶିଳ୍ପୀ ଆର୍ ବୁଣାକାର୍ ମାନ୍କର୍ ତାଲିମ୍, ସେମାନ୍କର୍ କଳାର୍ ପ୍ରଦର୍ଶନୀ ଉପ୍ରେ ସର୍କାର୍ ଅଏତ୍କା ଗୁରୁତ୍ୱ ଦଉଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।...

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ସମାବେଶ୍‌ଥି ପଶ୍ଚିମ ଓଡ଼ିଶା ସହେତେ ଭୁବ୍ନେଶ୍ୱର, ପୁରୀ, ବାଲେଶ୍ୱର୍, ଭଦ୍ରକ୍ ଇଲାକାର୍ ବୁଣାକାର୍ମାନେ ଭିଲ୍ ଯୋଗ୍ ଦେଇଥିଲେ ।

ମଧୁସୂଦନ୍ ଦାସ୍ ଜୟନ୍ତୀ ଆର୍ଏନ୍ୟୁ ସମ୍ବଲପୁର୍

ଉତ୍କଳ ଗୌରବ ମଧୁସୂଦନ୍ ଦାସ୍ଙ୍କର୍ ଆଏଜ୍ ଶହେ ୭୭ ନମ୍ବର୍ ଜୟନ୍ତୀ । ଇ ଉଲ୍ଗୁନେ ସାରା ରାଏଜେ ଆଏଜ୍ ଆଇନ୍ଜୀବୀ ଦିବସ୍ ପାଲନ୍ କରାଯାଉଛେ । ମଧୁବାବୁ ଥିଲେ ଓଡ଼ିଆ ଜାତିର ଗର୍ବ ଆର୍ ଗୌରବ୍ । ଉତ୍କଳ ଗୌରବ୍ ମଧୁବାବୁଙ୍କର୍ ସ୍ମୃତିକେ ସମ୍ମାନ୍ ଦେବାର୍ ସହେତେ ତାଁକର୍ କାମ୍ ମାନ୍କୁ ଆଏବା ପିଢ଼ି ଲାଗି ସୁରକ୍ଷିତ ରଖିବାର୍କେ ସର୍କାରୀସ୍ତରଥି ଭିନ୍ ଭିନ୍ ପଦ୍କ୍ଷେପ୍ ନିଆଯାଉଛେ ।

ଇ ଅବ୍ସରେ ଆଏଜ୍ ଲୋକ୍ସେବା ଭବନ୍ ଆର୍ କୃଷି ଭବନ୍ ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ଆଏଜ୍ ବନ୍ଦ ରହେବା । ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଥିବାର୍ ବେଲେ ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା-ପଂଚାୟତିରାଜ୍ ମନ୍ତ୍ରୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ୫ ଲାଖ୍ ଘର୍ ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍ ଯେ, ରାଏଜେ ଏବ୍‌ତକ୍ ୬୦ ହଜାର୍ ଘର୍ ବଂଟାସରିଛେ । ୨ ମାସ୍

ଭିତ୍‌ରେ ଲାଖେଟା ଘର୍ ଦିଆଯିବା ବଲି ଲକ୍ଷ୍ୟ ରଖାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଯୋଜ୍‌ନାଥି ଯେନ୍‌ମାନେ ଘର୍ ନାଇଁପାଇ ସେମାନ୍‌କୁ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ସାମିଲ୍ କରାଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ୟୁନିଫାଏଡ୍ ଡିଜିଟାଲ୍ ଆଇଡେଂଟିଟି ସିଷ୍ଟମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଧାର୍, ପେନ୍, ଭୋଟର୍ ଆଇଡି ଡ୍ରାଇଭିଂ ଲାଇସେନ୍ସ ବାଗିର୍ ପରିଚୟ ପତ୍ରଥି ନାଁ, ଠିକଣା କି ମୋବାଇଲ୍ ନମ୍ବର୍ ବଦ୍‌ଲାବାର୍ ଲାଗି କେନ୍ଦ୍ର ସର୍‌କାର୍ ୟୁନିଫାଏଡ୍ ଡିଜିଟାଲ୍ ଆଇଡେଂଟିଟି ସିଷ୍ଟମ୍ ଲାଗୁ କର୍‌ବାର୍‌କେ ଯାଉଛନ୍ । ଇଥିର୍‌ଲାଗି ଗୁଟେ ଖାସ୍ ପୋର୍ଟାଲ୍ ତିଆର୍ ହେଇଛେ । ଇ ପୋର୍ଟାଲ୍ ଜରିଏ ଲୁକେ ନିଜର୍ ପରିଚୟ ପତ୍ରମାନ୍‌କେ ନିଜର୍ ଇଚ୍ଛା ଅନ୍‌ସାରେ ତଥ୍ୟ ବଦ୍‌ଲେଇପାର୍‌ବେ । ଇ ପୋର୍ଟାଲ୍‌ଥି ଆଧାର୍, ପାନ୍, ଡ୍ରାଇଭିଂ ଲାଇସେନ୍ସ ବାଗିର୍ ସବୁ ପରିଚୟ ପତ୍ର ଜୁଡ଼ି ହେଇକରି ରହେବା ।

ଓଜେଇଇ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ଆଏବା ମାସ ୨ ତାରିଖ୍‌ନୁ ହେବା । ୧୨ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପରୀକ୍ଷା ୩ ଟା ଖେପ୍‌ଥି ହେବା । ପରୀକ୍ଷା ସଖାଲର୍ ୮ ନୁ ୧୦, ସାଢ଼େ ୧୨ ନୁ ସାଢ଼େ ୨ ଆର୍ ଉପର୍‌ବେଲାର୍ ୪ ନୁ ସାଢ଼େ ୬ ବଜେତକ୍ ହେବା । ସବୁଯାକ ପରୀକ୍ଷା କମ୍ପ୍ୟୁଟର୍ ବେସ୍‌ଡ୍ ସିବିଟି ଜରିଏ କରାଯିବା । ଛାତ୍ରଛାତ୍ରୀ ମାନେ ୱେବ୍‌ସାଇଟ୍‌ନୁ ନିଜର୍ ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ଓଜେଇଇ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ରଥକାଠ- ବୌଦ୍ଧ                    ବୌଦ୍ଧ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରାର୍ ରଥ୍ ବନାବାର୍ ଲାଗି ବୌଦ୍ଧ ବନଖଣ୍ଡ ତର୍‌ଫୁ ପହେଲା ଖେପେ ୨୦ ଖଁଡ୍ ରଥ୍‌କାଠ୍ ପୁରୀ ପଠାଯାଇଛେ । ଗଲାକାଏଲ୍ ବନଖଣ୍ଡ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କର୍ ସହେତେ ଅଧିକାରୀମାନେ ରଥକାଠକେ ପୂଜା କର୍‌ଲା ଉତ୍‌ରୁ ପୁରୀ ପଠାଯାଇଥିଲା । ଇ ୨୦ ଖଁଡ୍ କାଠ୍ କଂଟାମାଲ୍ ରେଞ୍ଜ୍ ଇଲାକାନୁ କଟାଯାଇଥିଲା ଆର୍ ସେଥିର୍ ଭିତ୍‌ରେ ୧୨ ଖଁଡ୍ ଧଉରା ଆର୍ ୮ ଖଁଡ୍ ଅସନ କାଠ ଥିବାର୍ ଜନାପଡ଼ିଛେ ।

ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ-ଜିଲ୍ଲାପାଲ୍   ନୂଆପଡ଼ା

ନୂଆପଡ଼ା ଜିଲ୍ଲାପାଳ୍ଙ୍କର୍ ସଦ୍‌ଭାବନା ଗୃହ ନ ବିଷୁବ ମିଳନ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ହେଇଯାଇଛେ । ଜିଲ୍ଲାପାଳ୍ ମଧୁସୂଦନ୍ ଦାସଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବହୁଭାଷୀ କବିତା ପଠୋତ୍ସବ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗାର ୩୦ ନୁ ଅଏତ୍‌କା କବି ଆର୍ କବୟତ୍ରୀ ଯୋଗ୍ ଦେଇକରି ଓଡ଼ିଆ, ସମ୍ବଲ୍‌ପୁରୀ, ସଂସ୍କୃତ, ହିନ୍ଦୀ ଭାଷାଥି ନିଜର୍ ନିଜର୍ କବିତା ପାଠ କରିଥିଲେ ।

କଳିଙ୍ଗ ସୁପର୍ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ୨ ଟା ସେମିଫାଇନାଲ୍ ମେଚ୍ ମୋହନ୍ ବାଗାନ୍ - ଗୋଆ ଆର୍ ମୁମ୍ବାଇ ସିଟି - ଜମ୍‌ସେଦ୍‌ପୁର୍ ଭିତ୍‌ରେ ଆଏବା ୩୦ ତାରିଖ୍ ଖେଲାଯିବା । ଗଲାକାଏଲ୍ ହେଇଥିବା କ୍ୱାଟର୍ ଫାଇନାଲ୍ ମେଚ୍‌ଥି ମୁମ୍ବାଇ ସିଟି- କାଶୀକେ ୧-ଶୂନ୍ ଗୋଲ୍‌ଥି ଆର୍ ଜମ୍‌ସେଦ୍‌ପୁର୍- ନର୍ଥଇଷ୍ଟ ୟୁନାଇଟେଡ଼୍ ପେନାଲ୍‌ଟି ସୁଟ୍‌ଆଉଟ୍ ୫-୪ ଗୋଲଥି ହରେଇଛେ । ଆଏବା ୩ ତାରିଖ୍ ଦିନ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ଖେଲାଯିବା ।